## କୂଅରୁ ୪ ବାର୍ହା ଉଦ୍ଧାର

ବାମରା, (ଡି.ଏନ.ଏ)-ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ହରିପଡା ତୁରିୟାପଡାଠାରେ ଗୋଟିଏ ସରକାରୀ କୂଅରେ ପଡିଯାଇଥିବା ୪ଟି ବାର୍ହାକୁ ବୁଧବାର ଉଦ୍ଧାର କରାଯାଇଛି। କୂଅରେ ବାର୍ହା ଦଳ ପଡିଥିବା ଗ୍ରାମବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀ ମିଶି ଲୋକଙ୍କ ସହାୟତାରେ ବାର୍ହାଗୁଡିକୁ ଉଦ୍ଧାର କରିଥିଲେ। କୂଅରୁ ବାହାରିବା ପରେ ବାରହାଗୁଡିକ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ। ତେବେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ବନ କର୍ମଚାରୀ ଗୋଟିଏ ବାରହା ଆକ୍ରମଣରେ ସାମାନ୍ୟ ଆହତ ହୋଇଛନ୍ତି।

# ଭିକାରି ଥଇଥାନ ଯୋଜନା ଫେଲ୍

**ଝାରସୁଗୁଡ଼ା ଅଫିସ,୫।୮**

- ୩ବର୍ଷରେ ଚିହ୍ନଟ ହୋଇଛନ୍ତି ୩୮ ଜଣ
- ଖାଦ୍ୟ ମିଳୁନି, ସୁରକ୍ଷା ବ୍ୟବସ୍ଥା ନାହିଁ
- ମୁଖ୍ୟସ୍ରୋତକୁ ଫେରିବା ଆଶା ମଉଳୁଛି

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭିକାରିମାନଙ୍କୁ ଚିହ୍ନଟ କରି ଥଇଥାନ କରିବାକୁ ଯୋଜନା ଆରମ୍ଭ ହୋଇଥିଲା । ୨୦୧୭ ମାର୍ଚ୍ଚରେ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା । ଜିଲାରେ ଥିବା ଭିକାରିଙ୍କୁ ଚିହ୍ନଟ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଚିହ୍ନଟ ଭିକାରିଙ୍କୁ ଥଇଥାନ କରିବାକୁ ଯୋଜନା ପ୍ରସ୍ତୁତ କରି ଜଣାଇବାକୁ କୁହାଯାଇଥିଲା। ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଛି। ହେଲେ ଏହି ଯୋଜନାର ସଫଳ ରୂପରେଖ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଏଠାରେ ଝାରସୁଗୁଡା ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ । ଏହି ଜିଲାରେ ଆଜି ପର୍ଯ୍ୟନ୍ତ ମାତ୍ର ୩୮ ଜଣ ଭିକାରିଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ଚିହ୍ନଟ କରିଛି। ଜିଲାରେ ଶତାଧିକ ଭିକାରି ବିଭିନ୍ନ ଧାର୍ମିକ ପୀଠରେ ଭିଡ଼ ଲଗାଉଛନ୍ତି । ଚିହ୍ନଟ ସଂଖ୍ୟା ଅତି କମ୍ ହୋଇଥିବାରୁ ଏହି ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ପ୍ରଶାସନ ଦ୍ୱାରା ଚିହ୍ନଟ କରାଯାଇଥିବା ଭିକାରିଙ୍କ ଥଇଥାନ ଓ ସ୍ୱାବଲମ୍ବୀ କରିବାକୁ ନେଇ ପ୍ରଶ୍ନ ଉଠିଛି। ଚିହ୍ନଟ ଭିକାରୀମାନଙ୍କୁ ଘର, ବୀମା, ଆଧାର କାର୍ଡ, ରାଶନ କାର୍ଡ, ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ବିଭିନ୍ନ କୌଶଳ ଶିଖାଇବାକୁ ଯୋଜନା ରହିଛି। ମହିଳା ଭିକାରିମାନଙ୍କୁ ବୃଦ୍ଧାଶ୍ରମ କିମ୍ବା ଅନ୍ୟ କୌଣସି ସୁରକ୍ଷିତ ସ୍ଥାନରେ ଥଇଥାନ କରିବାକୁ ନିର୍ଦ୍ଦେଶ ରହିଛି । ଏହାସହ ଆବଶ୍ୟକ ସ୍ଥଳେ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ପିଲାଙ୍କୁ ଶିକ୍ଷା, ବୃତ୍ତି ପ୍ରଦାନ କରାଯିବାକୁ ଯୋଜନା ରହିଛି। ହେଲେ ଝାରସୁଗୁଡ଼ା ସହରରେ ପ୍ରତିଦିନ ବୁଲୁଥିବା ଭିକାରିଙ୍କୁ ଦେଖିଲେ ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ସୃଷ୍ଟି ହୋଇଥିବା ବ୍ୟତିକ୍ରମ ସ୍ପଷ୍ଟ ଦିଶୁଛି।

ଝାରସୁଗୁଡା ଏକ ଶିଳ୍ପ ସମୃଦ୍ଧ ସହର। ଏଠାରେ ବହୁ ଶିଳ୍ପ ପ୍ରତିଷ୍ଠାନ ରହିଛି । ରେଳ ସେବା ସହିତ ବିମାନ ସେବା ଏହି ଜିଲାକୁ ସମୃଦ୍ଧ କରିଛି । ହେଲେ ସହରରେ ଭିକାରିଙ୍କୁ ଥଇଥାନ କରାଯାଉ ନ ଥିବାରୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ କରୋନା କଟକଣା ଯୋଗୁ ପରିସ୍ଥିତି ସାଂଘାତିକ ହେବାରେ ଲାଗିଛି। ଖାଦ୍ୟ ଅଭାବରୁ ଭିକାରିମାନେ ଘର ଘର ବୁଲି ଭିକ୍ଷାବୃତ୍ତି କରୁଛନ୍ତି । ଅଧିକାଂଶ ସମୟରେ ସେମାନେ ରାସ୍ତା କଡ଼ରେ ରାତ୍ରି ଯାପନ କରୁଛନ୍ତି। ଗତ ମାର୍ଚ୍ଚରୁ ସରକାର ଭିକାରିମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଥିଲେ। ସାମାଜିକ କର୍ମୀମାନେ ମଧ ଏଥିରେ ସହଯୋଗ କରୁଥିଲେ। ଏବେ ସେମାନେ ଭୋକ ଉପାସରେ ଦିନ କାଟୁଛନ୍ତି । ପ୍ରଶାସନ ଦ୍ୱାରା ଭିକାରି ଚିହ୍ନଟ ଓ ଥଇଥାନ ପ୍ରକ୍ରିୟା ଠିକ୍ ଭାବେ ହେଉ ନ ଥିବାରୁ ସେମାନେ ମୁଖ୍ୟ ସ୍ରୋତରେ ସାମିଲ କରିବା ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଜଣେ ମହିଳା ଭିକାରିଙ୍କ ସହିତ ଆମ ପ୍ରତିନିଧି ଆଲୋଚନା କରିଥିଲେ । ହେଲେ ସେ ଏହି ଯୋଜନା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି । ଗତ ୫ ବର୍ଷ ହେବ ସେ ଭିକ ମାଗି ଚଳୁଥିବା କହିଛନ୍ତି । କୌଣସି ସ୍ତରରେ ତାଙ୍କୁ ସହଯୋଗ କରାଯାଇ ନାହିଁ। କରୋନା କଟକଣା ଯୋଗୁ ଏବେ ସେ କାହା ଘରକୁ ଯାଇ ଭିକ ମାଗି ପାରୁନାହାନ୍ତି । ସେଥିପାଇଁ ସେ ଦୁଃଖକଷ୍ଟରେ ଚଳୁଥିବା କହିଛନ୍ତି । ଏହି ରୋଗ ଆରମ୍ଭରେ ବାବୁମାନେ ଖାଇବାକୁ ଦେଉଥିଲେ । ହେଲେ ଏବେ କେହି ପଚାରୁ ନାହାନ୍ତି । ଦିନ ସାରା ମାଗି ଯାହା ମିଳିଲା ତାହା ଖାଇ ରାସ୍ତା କଡ଼ରେ ଶୋଇଯାଉଛି ବୋଲି ସେ କହିଛନ୍ତି ।

ଏ ସମ୍ପର୍କରେ ଝାରସୁଗୁଡ଼ା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଳା କିରୋଙ୍କୁ ପଚାରିବାରୁ କରୋନା କଟକଣା ସମୟରେ ଭିକାରିମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ତେବେ ସରକାରୀ ଯୋଜନା ଅନୁଯାୟୀ, ଆରମ୍ଭରୁ ହିଁ ଭିକାରି ଚିହ୍ନଟ କାର୍ଯ୍ୟ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଆଉ ଚିହ୍ନଟ କରାଯାଇ ନାହିଁ ବୋଲି ସେ କହିଛନ୍ତି ।

## ୭ ଦିନ ଲାଗି ଭିମ୍ସାର ମେଡିସିନ ବିଭାଗ ଓପିଡି ବନ୍ଦ

**ସମ୍ବଲପୁର,୫।୮(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍ସାର) ମେଡିସିନ ବିଭାଗ ଓପିଡିକୁ ଆସନ୍ତା ୭ ଦିନ ଲାଗି ବନ୍ଦ କରି ଦିଆଯାଇଛି। ବୁଧବାର ଏକ ଜରୁରି ବୈଠକ ପରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶକ ଡାକ୍ତର ଲଳିତ ମେହେର ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଏହି ବିଭାଗର ୯ ଜଣ ସିନିୟର ଓ ଜୁନିୟର ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ପରେ ୩୮ ଜଣ ଡାକ୍ତର ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଜଣା ପଡ଼ିଛି। ଏ ସମସ୍ତଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ବିକଳ୍ପ ଲାଗି ଟେଲି ମେଡିସିନ ବ୍ୟବସ୍ଥା କରାଯାଇଛି। ଲୋକେ ଫୋନ୍‌ରେ ପରାମର୍ଶ ନେଇ ପାରିବେ ବୋଲି ଭିମ୍ସାର ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣାଗ୍ରସ୍ତ ବାଇକ ଚାଳକ ମୃତ

**ଅତାବିରା,୫।୮(ଡି.ଏନ.ଏ.)**

ଗୋଡଭଗା ଫାଣ୍ଡି ଅଧୀନ ଜିରୋ ପଏଣ୍ଟଠାରେ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁର୍ଲା ଥାନା ପାପଡେରାର ପ୍ରଶାନ୍ତ ଖଡିଆ । ସେ ନିଜ ବାଇକ୍ (ନଂ.ଓଆର ୧୭ ଜି- ୭୫୭୫)ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ. ୧୬୯/୨୦) ରୁଜୁ ହୋଇଛି ।

## ବାପା, ଝିଅ ପଜିଟିଭ୍

**ସୋନପୁର,୫।୮(ନି.ପ୍ର.)**

ସୋନପୁର ବ୍ଲକ ବଲାଡି ଗ୍ରାମର ବାପା(୩୮) ଓ ଝିଅ (୧୪) ସଂକ୍ରମିତ ଥିବା ଜଣାପଡିଛି । ମଙ୍ଗଳବାର ରିପୋର୍ଟ ଆସିବା ପରେ ବାପ ଓ ଝିଅଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବଲାଡି ଗ୍ରାମର ଜଣେ ମହିଳା ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ୧୭ ଦିନ ପୂର୍ବରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ନେଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ମହିଳାଙ୍କୁ ପୁଣି ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଲକ୍ଷଣ ପ୍ରକାଶ ପାଇବା ପରେ ମହିଳାଙ୍କ କରୋନା ଟେଷ୍ଟ ହୋଇଥିଲା । ଗତ ୨୬ ତାରିଖରେ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ସମ୍ବଲପୁର କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ମହିଳାଙ୍କ ସ୍ୱାମୀ ଓ ଝିଅ ଗାଁକୁ ଆସି ସଙ୍ଗରୋଧରେ ରହିଥିଲେ । ଉଭୟଙ୍କୁ ଜ୍ୱର ଓ ଥଣ୍ଡା ଲାଗି ରହିଥିଲା। ମଙ୍ଗଳବାର ଦୁହେଁ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଫ୍ଲୁ କେନ୍ଦ୍ରକୁ ଆସିଥିଲେ। ଆଣ୍ଟିଜେନ୍ ଟେଷ୍ଟ ପରେ ରିପୋର୍ଟ ପଜିଟିଭ୍ ଆସିଥିଲା ।

## ସଂକ୍ଷେପରେ

### ପୁଣି ଆନ୍ଦୋଳନ ଚେତାବନୀ ଦେଲେ ବିସ୍ଥାପିତ ଗ୍ରାମବାସୀ

ରେଙ୍ଗାଲି, ୫।୮ (ଡି.ଏନ.ଏ.)-ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ତଲାବିରା ୨ ଓ ୩ କୋଇଲା ଖଣି କାମ କରୁଥିବା ଏନଏଲସି କମ୍ପାନୀ ବରୋଧରେ ପୁଣି ଗର୍ଜିଛନ୍ତି ବିସ୍ଥାପିତ ତଥା ପ୍ରଭାବିତ ଗ୍ରାମବାସୀ। ବିସ୍ଥାପିତ ଗ୍ରାମବାସୀ ନିଜର ଦାବି ପୂରଣ ପାଇଁ ଯେତେବେଳେ ବି ଆନ୍ଦୋଳନ କରୁଛନ୍ତି କମ୍ପାନୀ ଫମ୍ପା ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ଭୂଆଁ ବୁଲାଇବା ସହ ଝୁଲାଇ ରଖୁଛି। ଏଭଳି ଅଭିଯୋଗ କରି ବାବୁଲୁ ରାଉତ, ହିମାଂଶୁ ମଲ୍ଲିକ, ସୁବ୍ରତ ବୁଦ୍ଧିଆ, ତରୁଣ ବୁଦ୍ଧିଆ, ସୁବଳ ପ୍ରଧାନ, ରୁଦ୍ର ପ୍ରଧାନ ପ୍ରମୁଖ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାର ସୁନୀଲ ମେହେରଙ୍କୁ ଦେଇଛନ୍ତି। ଅଗଷ୍ଟ ୧୦ ଭିତରେ ଦାବି ପୂରଣ ନ ହେଲେ ଖଣି କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

### ଫାର୍ମାସିଷ୍ଟଙ୍କ ସମେତ ୫ କରୋନା ପଜିଟିଭ ଚିହ୍ନଟ

ନାକଟିଦେଉଳ, ୫।୮(ଡ଼ି.ଏନ.ଏ.)-ସମ୍ବଲପୁର ଜିଲା ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଫାର୍ମାଶିଷ୍ଟଙ୍କ ସମେତ ୫ଜଣଙ୍କଠାରେ ପଜିଟିଭ ଚିହ୍ନଟ ହୋଇଛି। ବୁଧୁବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଗିରିଶ୍ଚନ୍ଦ୍ରପୁରରେ ଜଣେ ୨୫ବର୍ଷୀୟ ଯୁବକ, କାଉଁଶୀପାଳ ଗ୍ରାମରେ ଜଣେ ୮୦ବର୍ଷିୟ ବୃଦ୍ଧ, କୁଞ୍ଜାମୁରାର ଜଣେ ୫୫ବର୍ଷିୟା ମହିଳା ଏବଂ ତୁଙ୍କଛାଲିର ଜଣେ ମହିଳା ରହିଛନ୍ତି। ଏଥିସହ ନାକଟୀଦେଉଳ ଡ଼ାକ୍ତରଖାନା କୋଭିଡ଼ ଟିମ ଦ୍ୱାରା ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରା ଗ୍ରାମର ୩୦ଜଣ ଓ ଗୋଗୁଆ ଗ୍ରାମର ୨୧ଜଣଙ୍କଠାରୁ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ବ୍ଲକ ଅଞ୍ଚଳରେ ଅଦ୍ୟାବଧି ୧୫ଜଣଙ୍କଠାରେ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୦ଜଣ ସୁସ୍ଥ ହୋଇଛନ୍ତି । ବୁଧବାର ଚିହ୍ନଟ ସମସ୍ତ ସଂକ୍ରମିତଙ୍କୁ କୋଭିଡ଼ ହସ୍ପିଟାଲକୁ ପଠାଯାଇଛି । ବୁଧବାର ଚିହ୍ନଟ ୫ ସଂକ୍ରମିତଙ୍କ ମଧ୍ୟରୁ ବାଟଗାଁ ପଞ୍ଚାୟତର ୨ଜଣ ରହିଛନ୍ତି। ଏହି ୨ଜଣ ସ୍ଥାନୀୟ ସ୍ଥାନୀୟ ସଂକ୍ରମିତ । ପରିସ୍ଥିତିକୁ ଦୃଷ୍ଟିରେ ରଖି ସରପଞ୍ଚ ବେଦମତୀ କିସାନ ସମଗ୍ର ପଞ୍ଚାୟତକୁ ୭ଦିନ ଲାଗି ଶଟଡ଼ାଉନ ଘୋଷଣା କରିଛନ୍ତି । ୫ତାରିଖ ମଧ୍ୟାହ୍ନରୁ ଆସନ୍ତା ୧୧ତାରିଖ ରାତ୍ରି ୮ ପର୍ଯ୍ୟନ୍ତ ବଳବର ରହିବ । ଏ ନେଇ ସରପଞ୍ଚ କିସାନ ନାକଟିଦେଉଳ ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ସମୟରେ ଜନସାଧାରଣ ପଦାକୁ ନ ବାହାରିବା ସହ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ୪ ଘର ଭାଙ୍ଗିଲା ହାତୀ, କାନ୍ଥ ପଡ଼ି ବୃଦ୍ଧା ମୃତ

**ଝାରସୁଗୁଡ଼ା ଅଫିସ,୫।୮:** ଝାରସୁଗୁଡ଼ା ଜିଲା କିର୍ମିରା କିର୍ମିରା ବ୍ଲକ୍ ଭଉଁରାରେ ବୁଧବାର ଗୋଟିଏ ହାତୀ ୪ଟି ଘର ଭାଙ୍ଗିଛି। ଶୋଇଥିବା ବେଳେ ଘର କାନ୍ଥ ପଡି ଯମୁନା ବେହେରା ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଅଞ୍ଚଳରେ ୩ଟି ହାତୀ ବୁଲୁଥିବା ଲୋକମାନେ କହିଛନ୍ତି। ଏହି ହାତୀମାନଙ୍କୁ ଘଉଡାଇବା ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି।

### ନାବାଳିକାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର ଘଟଣା
### ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ପରେ ବୟାନ ରେକର୍ଡ କଲା ପୋଲିସ

**ସୋନପୁର,୫।୮(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର କରିବା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଏ ଯାଏଁ ଧରିବାକୁ ସକ୍ଷମ ହୋଇନାହିଁ । ତେବେ ପୋଲିସ ପୀଡିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଡାକ୍ତରୀ ପରୀକ୍ଷା କରିଥିଲା । ଏଥିସହ ୧୬୧ରେ ପୋଲିସ ବୟାନ ରେକର୍ଡ କରିଛି । ପ୍ରକାଶ ଯେ, ଗୁରୁବାର ସମ୍ପୃକ୍ତ ନାବାଳିକା ମା ଓ ବାପାଙ୍କ ସହିତ ଘରେ ଥିଲେ। ତେବେ ରାତି ୯ଟାରେ ଅଭିଯୁକ୍ତ କବାଟ ଭାଙ୍ଗି ପୀଡିତାଙ୍କ ଘରେ ପଶିଥିଲେ। ସେ ଏକ ଭୁଜାଲି ଧରି ମା’ ବାପାଙ୍କୁ ଭୟଭୀତ କରିବା ସହ ୧୭ ବର୍ଷୀୟ ଝିଅଙ୍କୁ ଜୋରଜବରଦସ୍ତ ନିଜ ବାଇକ୍‌ରେ ବସାଇ ନେଇ ଯାଇଥିଲେ। ସେ ନାବାଳିକାଙ୍କୁ ନିଜ ଘରକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଭିଯୋଗ କଲେ ତୁମ ମା ବାପାଙ୍କୁ ଜୀବନରୁ ମାରିଦେବି ବୋଲି ପୀଡିତାଙ୍କୁ ଅଭିଯୁକ୍ତ ଧମକ ଦେଇଥିଲେ । ଏ ନେଇ ପୀଡିତାଙ୍କ ବାପା ବୀରମହାରାଜପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଅପହରଣ ଓ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଫଟୋରେ ଖବର



ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡର ପୁରୁଣାଗଡ଼-ଟାଲ ରାସ୍ତାରେ ଥିବା ଦୁଇମୁହାଁଣି ନାଳ ପୋଲ ପ୍ରବଳ ବର୍ଷା ଯୋଗୁ ଭସାଇ ନେଇଛି ।

## ଟ୍ରାକ୍ଟର ଭଡ଼ା ଦେଣନେଣକୁ ନେଇ ଗଣ୍ଡଗୋଳ

**ଲାଠୋର, ୫।୮ (ଡି.ଏନ.ଏ.)**

**୨ଟି ମାମଲା ରୁଜୁ**

ଟ୍ରାକ୍ଟର ଭଡା ଟଙ୍କା ଦେଣନେଣକୁ ନେଇ ବଲାଙ୍ଗୀର ଜିଲା ଲାଠୋର ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଉଭୟ ପକ୍ଷର ଏତଲାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତୁରେକେଲା ଥାନା ଅଧୀନ ଗଇନ୍ଦିମାଲ ଗ୍ରାମର ଭୁବନ ତାଣ୍ଡି ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ଟ୍ରାକ୍ଟରକୁ ଲାଠୋର ଗ୍ରାମର ଆକାଶ ଅଗ୍ରୱାଲ ଭଡାସୂତ୍ରରେ ଆଣିଥିଲେ। ହେଲେ ଭଡା ବାବଦ ଟଙ୍କା ଦେଉ ନ ଥିଲେ। ମାଗିଲେ ଆଜି ଦେବି, କାଲି ଦେବି କହି ଦିନ ଗଡେଇ ଚାଲିଥିଲେ। ଏହି କାରଣରୁ ସେ ପରେ ଉକ୍ତ ଟ୍ରାକ୍ଟରକୁ ଆକାଶଙ୍କଠାରୁ ନେଇ ଯାଇଥିଲେ। ମଙ୍ଗଳବାର ସକାଳ ପ୍ରାୟ ସାଢେ ୮ଟାରେ ସେ ଆକାଶଙ୍କ ପାଖକୁ ଆସି ବକେୟା ଭଡା ଟଙ୍କା ମାଗିଥିଲେ। ଏଥିରେ ଆକାଶ ଉତ୍‌କ୍ଷିପ୍ତ ହୋଇ ତୁମ ଟ୍ରାକ୍ଟର ମୁଁ ଭଡା ସୂତ୍ରରେ ନେଇ ନ ଥିଲି ବୋଲି କହିଥିଲେ। ଘଟଣାଚକ୍ରରେ ଏହାର କିଛି ସମୟ ପରେ ତାଙ୍କ ଟ୍ରାକ୍ଟର କୌଣସି କାମରେ ଲାଠୋର ଆସିଥିଲା। ଏହା ଦେଖି ଆକାଶ ଗାଡି ଅଟକାଇ ଡ୍ରାଇଭରଙ୍କଠାରୁ ଚାବି ଛଡାଇ ନେଇଥିଲେ। ଖବର ପାଇ ଭୁବନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରାକ୍ଟର ନିକଟରେ ଉପସ୍ଥିତ ଆକାଶ ତାଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ପରେ ତାଙ୍କ ଭାଇ ନିଲେଶ ଅଗ୍ରୱାଲ ଏବଂ ବାପା ରାମଅବତାର ଅଗ୍ରୱାଲ ଜାତିଆଣ ଆକ୍ଷେପ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆଘାତପ୍ରାପ୍ତ ହୋଇ ଭୁବନ ଲାଠୋର ଥାନାକୁ ଯାଇ ଏ ନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଥାନାରେ ଦଫା ୩୪୧, ୩୨୩, ୨୯୪, ୫୦୬, ୩୪, ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିବାରଣ ଆଇନ ଅନୁଯାୟୀ ଏକ ମାମଲା (ନଂ.୭୩/୨୦)ରୁଜୁ ହୋଇଛି। ଅପରପକ୍ଷେ ଆକାଶ ଅଗ୍ରୱାଲ ଭୁବନ ଏବଂ ତାଙ୍କ ପୁଅ ନାମରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ଦଫା ୩୨୩, ୩୪୧, ୨୯୪, ୫୦୬, ୩୪ଆଇପିସି ଅନ୍ୟ ଏକ ମାମଲା(ନଂ.୭୪/୨୦)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

## ରାମ ମନ୍ଦିର ନିର୍ମାଣ ପାଇଁ ଖୁସି

**ସମ୍ବଲପୁର,୫।୮(ବ୍ୟୁରା)**

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ବୁଧବାର ଭୂମି ପୂଜା କରାଯାଇଛି। ଏଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ଉତ୍ସାହ ଦେଖିବାକୁ ମିଳିଛି। ଏହିକ୍ରମରେ ସମ୍ବଲପୁରରେ ଭାଜପା କମକର୍ତ୍ତା ମଧ ଲଡୁ ବାଣ୍ଟି ଖୁସି ମନାଇଥିଲେ। ବୁଢ଼ାହିଲସ୍ଥିତ ରାମ ମନ୍ଦିରରେ ବାହାରେ କର୍ମକର୍ତ୍ତା ଏକାଠି ହୋଇଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଶଶିଭୂଷଣ ତ୍ରିପାଠୀ, ରାମଚନ୍ଦ୍ର ମେହେର, ଅନିଲ ବେହେରା, ଫଣିଭୂଷଣ ମିଶ୍ର, ମାନସରଞ୍ଜନ ବକ୍ସି, ସରୋଜ କୁମାର ଘଡାଇ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ସେହିଭଳି ମହାନଗର ନିଗମ ଅଞ୍ଚଳ ଓ ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଭାଜପା କର୍ମକର୍ତ୍ତା ସ୍ଥାନୀୟ ରାମ ଓ ହନୁମାନ ମନ୍ଦିରରେ ପୂଜା କରି ଲଡୁ ବାଣ୍ଟିଥିଲେ।



ସମ୍ବଲପୁର ରାମମନ୍ଦିର ସମ୍ମୁଖରେ ଭାଜପା ନେତା ଓ କର୍ମକର୍ତ୍ତା ।

## ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**କୁଆଁରମୁଣ୍ଡା,୫।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ଆଦିବାସୀ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୋଭିଡ୍ ସମୟରେ ମଧ୍ୟାହ୍ନଭୋଜନ ବାଦବକୁ କମ୍ ପରିମାଣର ଚାଉଳ ଦିଆଯାଉଛି। ଅଭିଭାବିକମାନେ କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ସହକାରୀ ଶିକ୍ଷାଧିକାରୀ ଗୁରୁଚରଣ ସାହୁଙ୍କୁ ଭେଟି ଏହି ଅଭିଯୋଗ କରିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ନାଏକଙ୍କୁ ବୁଧବାର ନିଲମ୍ବିତ କରାଯାଇଛି।

ପ୍ରଧାନ ଶିକ୍ଷୟିତ୍ରୀ ନାଏକ ପିଲାମାନଙ୍କୁ ୫ କି.ଗ୍ରା ୭ଶହ ଗ୍ରାମ ଚାଉଳ ଦେଉଥିବା ଦସ୍ତଖତ କରାଇ ୫ କି.ଗ୍ରା ଚାଉଳ ଦେଉଥିଲେ। ଏହାସହ ପିଲାମାନଙ୍କଠାରୁ ୨୦ଟଙ୍କା ଲେଖାଏଁ ଆଦାୟ କରୁଥିଲେ ବୋଲି ଅଭିଭାବକମାନେ ଲିଖିତ ଭାବେ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ପିଲାମାନଙ୍କର ଚାଉଳ ସେମାନଙ୍କର ଅଭିଭାବକମାନେ ନିଜେ ଓଜନ କରି ନେଇଛନ୍ତି। ଏହାସହ ୨୦ଟଙ୍କା ଲେଖାଏଁ ଆଦାୟକୁ ସମ୍ପୂର୍ଣ୍ଣ ଭାବେ ସେ ଅସ୍ୱୀକାର କରିଛନ୍ତି।

## କରୋନା କଟକଣା କରିଛି ବାଟବଣା

**ବିନିକା,୫।୮(ଡି.ଏନ୍.ଏ)**

**ପାଠ ପଢିବା ପରିବର୍ତ୍ତେ ସ୍କୁଲ ପିଲା ଚରାଉଛନ୍ତି ଛେଳି,ମେଣ୍ଢା**

ମହାମାରୀ କରୋନା ଆତଙ୍କରେ ମଣିଷର ଜୀବନ ଜୀବିକା ଦୋହଲି ଯାଇଛି । ଅନେକ ଲୋକଙ୍କ କୁଳ ବେଉସା ମଧ ଠପ୍ ହୋଇଯାଇଛି। ରୋଜଗାରର ବାଟ ଏକରକମ ବନ୍ଦ ହୋଇଛି ।ଏମିତି କି ପିଲାଙ୍କ ପାଠପଢା ବି ଗୁରୁତର ଭାବେ ପ୍ରଭାବିତ ହୋଇଛି ।

କରୋନା କଟକଣା ପାଇଁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଗେଟ୍‌ରେ ଏବେ ତାଲା ଝୁଲୁଛି । ଯେଉଁ ସମୟରେ ପାଠପଢା ଜୋରସୋରରେ ଚାଲିବା କଥା ସେହି ସମୟରେ ସ୍କୁଲ ପରିସର ଖାଁ ଖାଁ । ସ୍କୁଲ ବାଟ ଦେଇ ଗଲା ବେଳେ ପୂର୍ବପରି ଆଉ ଶୁଭୁନାହିଁ ଶିକ୍ଷକଙ୍କ ପାଠପଢା କି ଦେଖିବାକୁ ମିଳୁନାହିଁ ବିଦ୍ୟାର୍ଥୀଙ୍କ ଗହଳଚହଳ । ଏଭଳି ପରିସ୍ଥିତି ପିଲାଙ୍କୁ କରିଛି ବାଟବଣା । ବହି ଖାତା ,କଲମ, ପେନସିଲ୍ ଧରି ପିଲାଏ ପାଠ ପଢିବେ କ’ଣ ଯିଏ ଯାହା ବାଟରେ । ବିଶେଷ କରି ଗାଁ ଗହଳିରେ ଗରିବ ଘରର ସ୍କୁଲ ଯାଉଥିବା ପିଲାମାନେ ପାଠପଢା ଛାଡି ମା’ବାପାଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରୁଥିବା ଦେଖିବାକୁ ମିଳୁଛି । କାରଣ ସେମାନଙ୍କୁ ଟିଉସନ କରିବା ପାଇଁ ଅଭିଭାବକଙ୍କ ପାଖରେ ସମ୍ବଳ ନାହିଁ କିମ୍ବା ସେମାନଙ୍କୁ କେହି ପାଠ ପଢାଇବାକୁ ନାହାନ୍ତି । ବିନିକା ବ୍ଲକ ବାଙ୍କିଗିର୍ଡି ଅଞ୍ଚଳରେ ତିନି ଜଣ ଛୋଟ ପିଲା ହାତରେ ବାଡି ଖଣ୍ଡେ ଖଣ୍ଡେ ଧରି ଛେଳି ,ମେଣ୍ଢା .ମଇଁଷି ଚରାଉଥିବା ଦୃଶ୍ୟ ଏହାର ପ୍ରମାଣ ଦିଏ । ଏହି ପିଲାମାନେ ହେଲେ ସାରଙ୍ଗପାଳିର ୫ମ ଶ୍ରେଣୀର ଛାତ୍ର ଆଶିଷ ଥାଳି ,ବିନିକା ସହରର ଏକ ବେସରକାରୀ ସ୍କୁଲରେ ପଢୁଥିବା ସାରଙ୍ଗପାଳି ଗାଁର ପଞ୍ଚମ ଶ୍ରେଣୀ ଛାତ୍ର ସିନ୍ଧୁ ରାଓ ଏବଂ ଆଖିଦାଦର ଗ୍ରାମସ୍ଥିତ ସରକାରୀ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ର ପରିତୋଷ ସେଠୀ । ଏହି କୋମଳମତି ପିଲାଙ୍କୁ ପାଠ ନ ପଢି କାହିଁକି ଛେଳି ,ମେଣ୍ଢା ଚରାଉଛ ବୋଲି ପଚାରିବାରୁ ସେମାନେ କହିଛନ୍ତି ଯେ, ଏବେ ସ୍କୁଲ ବନ୍ଦ ଅଛି । ଆମ ମାଆବାପା ବିଲକୁ କାମ କରିବାକୁ ଯାଉଛନ୍ତି । ତେଣୁ ଆମେ ଘରେ ବସି କ’ଣ କରିବୁ । ପାଠ ପଢାଇବ କିଏ ? ଗାଁ ପାଖ ପଡ଼ିଆକୁ ଗୃହପାଳିତ ପଶୁକୁ ଚରାଇବାକୁ ଆଣିଛୁ । ଘର ଲୋକଙ୍କୁ ସାହାଯ୍ୟ କରୁଛୁ ବୋଲି ସେମାନେ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

SMS SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୨ଦିନ ଭବାନୀପାଟଣା ସହର ଶଟ୍‌ଡାଉନ୍ ଘୋଷଣା

ଭବାନୀପାଟଣା,(ଡି.ଏନ୍.ଏ.)-ଭବାନୀପାଟଣା ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଆଖିଆଗରେ ରଖି କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଆସନ୍ତା ୭ ଓ ୮ ଦୁଇଦିନ ଭବାନୀପାଟଣା ସହର ଶଟ୍‌ଡାଉନ ରହିବ ବୋଲି ଘୋଷଣା କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳଙ୍କ ଚିଠି ନଂ.୧୦୭୭ ତା.୪।୮।୨୦୨୦ ଅନୁଯାୟୀ ଶଟ୍‌ଡାଉନ୍ ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି । ସହରର ସମସ୍ତ ୨୦ଟି ୱାର୍ଡରେ ସର୍ଭେ ପାଇଁ ଅଧିକାରୀ ନିଯୁକ୍ତି କରାଯାଇଛି । ଡାକବାଜି ଯନ୍ତ୍ର ସାହାଯ୍ୟରେ ଏ ସଂକ୍ରାନ୍ତରେ ଅବଗତ କରିବା ସହ ଓ ଅଧିକାରୀଙ୍କ ତାଲିମ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ମାଟିରେ ମିଶିବ ଦଶ ମହାବିଦ୍ୟା ମହଲ

ସମ୍ବଲପୁର, ୫।୮ (ବ୍ୟୁରୋ)

ସମ୍ବଲପୁର ସହର କୁଞ୍ଜେଲପଡ଼ା ଛକ ନିକଟରେ ରହିଛି ଐତିହାସିକ ରଜାବଖରୀ ବା ଦଶ ମହାବିଦ୍ୟା ମହଲ । ୯୩ ଡିସିମିଲ ପରିମିତ ଜମି ଉପରେ ଠିଆ ହୋଇଥିବା ଏହି ସ୍ମାରକୀ ଦୀର୍ଘ ଦିନ ହେବ ଜରାଜୀର୍ଣ୍ଣ, ଅବହେଳିତ ଆଉ ପରିତ୍ୟକ୍ତ ଅବସ୍ଥାରେ ରହିଛି । ପ୍ରାସାଦରେ ମୋଟ ୩୦ଟି କୋଠରି ମଧ୍ୟରୁ ଗୋଟିଏ ଚିତ୍ର ମହଲ (ରାନୀ ଉଆସ), ବାରଣ୍ଡା ଓ ଅଗଣା ରହିଛି । ବାମ ପାର୍ଶ୍ୱରେ ମନ୍ଦିର ଓ ଡାହାଣ ପାର୍ଶ୍ୱରେ ଘୋଡାଶାଳ ଅଛି । ବହୁଦିନରୁ ଅନାବନା ଗଛଲତାରେ ପରିପୂର୍ଣ୍ଣ ଥିବା ଏହି ମହଲ ପ୍ରତି କାହାର ଦରଦ ନାହିଁ । ମହଲର ଅଧିକାଂଶ କିର୍ତ୍ତୀରାଜି ଭାଙ୍ଗିରୁଜି ନଷ୍ଟ ହୋଇସାରିଛି । ଅନ୍ୟସବୁ ଅଂଶର ଭଗ୍ନାବଶେଷ ଦେଖିବାକୁ ମିଳିଛି । ଯେ କୌଣସି ମୁହୂର୍ତ୍ତରେ ଏହି ମହଲ ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଇଛି ।

୨୦୦୧ରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରାୟ ୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ମହଲର ମରାମତି କାର୍ଯ୍ୟ କରିଥିଲା । ହେଲେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ଥିବାରୁ କୌଣସି ସୁଫଳ ମିଳି ନ ଥିଲା । ୨୦୧୬ ଜାନୁୟାରୀ ୨୨ରେ ଇନ୍‌ଟାକ୍ ଐତିହ୍ୟ ସଂରକ୍ଷଣ ବିଭାଗ ମୁଖ୍ୟ ତଥା ପ୍ରୋଜେକ୍ଟ ଡାଇରେକ୍ଟର ଜି.ଭି. ଗୁପ୍ତା, ଇନ୍‌ଟାକ ଓଡ଼ିଶା ସଂରକ୍ଷଣ ମୁଖ୍ୟ ମଲ୍ଲିକା ମିତ୍ର ଓ ଓଡ଼ିଶା ଚାପ୍ଟର ସଂଯୋଜକ ଅମିୟ ଭୂଷଣ ତ୍ରିପାଠୀ ଏହି କୀର୍ତ୍ତିରାଜି ପରିଦର୍ଶନ କରି ତାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ରାଜ ପ୍ରାସାଦର ବର୍ତ୍ତମାନ ସ୍ଥିତି ଓ ତା'ର ସୁରକ୍ଷା ଉପରେ ତତ୍କାଳ ପଦକ୍ଷେପ ନେବାକୁ କହିଥିଲେ । ଏଥିସହିତ ପ୍ରାସାଦରେ ଥିବା ପୁରାତନ ଚିତ୍ରକଳାର ପୁନରୁଦ୍ଧାର, ପାରିପାର୍ଶ୍ୱିକ ଅବସ୍ଥା ନେଇ ଅନୁଧ୍ୟାନ କରିଥିଲେ । ପରେ ନିଜସ୍ୱ ପାଣ୍ଠିରୁ ୭ ଲକ୍ଷ ଟଙ୍କାରେ ଗୋଟିଏ ଛାତର ରକ୍ଷଣାବେକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାପରେ ଇନ୍‌ଟାକ ଏହି ମହଲର ପୁନରୁଦ୍ଧାର ସକାଶେ ପ୍ରାୟ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଡିପିଆର ପ୍ରସ୍ତୁତ କରିଥିଲା । ଅବଶ୍ୟ ପରବର୍ତ୍ତୀ ସମୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ରାନୀ ବଖରୀର ପୁନରୁଦ୍ଧାର କାର୍ଯ୍ୟ କରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ରଜା ବଖରୀ ଅବହେଳିତ ଭାବେ ରହିଛି ।



ପରିତ୍ୟକ୍ତ ହୋଇପଡିଛି ସମ୍ବଲପୁର ସ୍ଥିତ ଦଶ ମହାବିଦ୍ୟା ମହଲ ।

### ୧୮୫୨ରୁ ରାଜପ୍ରାସାଦ ଶୂନ୍ୟ

୧୭୦୦ ମସିହା ପ୍ରାରମ୍ଭରେ ମହାରାଜା ଛତ୍ର ସାଏଙ୍କ ଦ୍ୱାରା ଦୁଇମହଲା ବିଶିଷ୍ଟ ଏହି ଦଶମହାବିଦ୍ୟା ମହଲ ନିର୍ମିତ ହୋଇଥିଲା । ୧୮୫୨ ମସିହା ପରଠାରୁ ଏହି ରାଜପ୍ରାସାଦରେ କେହି ରହି ନ ଥିଲେ । କ୍ରମେ ଏହା ଜରାଜୀର୍ଣ୍ଣ ହୋଇପଡ଼ିଥିଲା । ସମ୍ବଲପୁର ରାଜବଂଶର କେହି ଉତ୍ତରାଧିକାରୀ ନ ଥିଲେ । ଏହାଦ୍ୱାରା ପ୍ରାସାଦର ମାଲିକାନାକୁ ନେଇ ସୋନପୁର, ବରପାଲି, ଝାରସୁଗୁଡ଼ା ଓ ଅନ୍ୟାନ୍ୟ ରାଜା, ଜମିଦାର, ଗୌନ୍ତିଆମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୋନପୁର ରାଜ ପରିବାର ପ୍ରାସାଦକୁ ହାସଲ କଲାପରେ ତାଙ୍କ ପକ୍ଷରୁ ମକଦ୍ଦମା ଲଢୁଥିବା ସମ୍ବଲପୁରର ଓକିଲ ନିତ୍ୟାନନ୍ଦ ମାଝିଙ୍କୁ ବିକ୍ରି କରିଥିଲେ । ସମ୍ବଲପୁରବାସୀଙ୍କ ଆବେଗ ଓ ଦାବି ଯୋଗୁ ଏହି ପ୍ରାସାଦକୁ ରାଜ୍ୟ ଶିକ୍ଷା ବିଭାଗ ୧୯୬୨ ମସିହା ସେପ୍ଟେମ୍ବର ୨୫ ତାରିଖରେ ଅଧିଗ୍ରହଣ କରିଥିଲା । ସରକାରଙ୍କ ନିର୍ଦ୍ଧାରିତ ରାଶି କମ୍ ହୋଇଥିବାରୁ ନିତ୍ୟାନନ୍ଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୧୯୬୬ ମସିହା ଅଗଷ୍ଟ ୩୧ ତାରିଖରେ ସମ୍ବଲପୁର କୋର୍ଟ ରାୟ ବିରୋଧରେ ନିତ୍ୟାନନ୍ଦ ହାଇକୋର୍ଟ ଯାଇଥିଲେ । ୧୯୭୪ ମାର୍ଚ୍ଚ ୯ରେ ୧ ଲକ୍ଷ ୬୩ ହଜାର ୫୬୦ ଟଙ୍କା ୬୦ ପଇସା ଦେବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲମ୍ବା ନ୍ୟାୟିକ ବ୍ୟାପାର ମଧରେ ରାଜ୍ୟ ଶିକ୍ଷା ବିଭାଗ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କଲା ନାହିଁ । ଫଳସ୍ୱରୂପ ଏହି ମହଲରେ ଥିବା କାଠ, ଲୁହା ଆଦି ସାମଗ୍ରୀ ଓ ବିଭିନ୍ନ ଉପକରଣକୁ ଲୋକେ ଚୋରି କରି ନେଇ ଯାଇଥିଲେ ।

### ଯେଉଁଠି ଉଡ଼ିଥିଲା ସ୍ୱାଧୀନତା ସଂଗ୍ରାମୀର ପତାକା

୧୮୫୭ ମସିହାରେ ହଜାରୀବାଗ ଜେଲ୍ ଭାଙ୍ଗି ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ସମ୍ବଲପୁରରେ ପହଞ୍ଚି ଥିଲେ । ବିଭିନ୍ନ ଅଞ୍ଚଳର ଜମିଦାର ଓ ଗୌନ୍ତିଆଙ୍କ ସମେତ ୧୫ଶହ ସମର୍ଥକ ସୁରେନ୍ଦ୍ର ସାଏଙ୍କ ଉଲଗୁଲାନ୍‌ରେ ଖାସ ଦେଇଥିଲେ । ସେମାନେ ସମ୍ବଲପୁର ରାସ୍ତାରେ ମାର୍ଚ୍ଚପାଷ୍ଟ କରି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ସେହିବର୍ଷ ଅକ୍ଟୋବର ୭ରେ ଏହି ମହଲର ମୁଖଶାଳାରେ ସୁରେନ୍ଦ୍ର ସାଏ ସମ୍ବଲପୁର ରାଜ୍ୟର ଧ୍ୱଜାରୋହଣ କରିଥିଲେ । ବ୍ରିଟିଶ୍ ପ୍ରଶାସନ ଏହା ଦେଖି ଚକିତ ହୋଇଥିଲେ । ହେଲେ ସୁରେନ୍ଦ୍ର ସାଏଙ୍କ ଉଲଗୁଲାନ୍‌କୁ ସାମ୍ନା କରିବାକୁ ଅସମର୍ଥ ହୋଇଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବହ୍ନି ଦେଶର କୋଣ ଅନୁକୋଣ ଲାଗିଥିଲା । ସମ୍ବଲପୁର ବି ଏଥିରୁ ବାଦ୍ ପଡି ନ ଥିଲା । ସେହିବର୍ଷ ଅଗଷ୍ଟରେ ଏହି ମହଲର ମୁଖଶାଳାରେ ସମ୍ବଲପୁରର ସଂଗ୍ରାମୀମାନେ ସ୍ୱାଧୀନତା ସଂଗ୍ରାମର ପତାକା ଉଡ଼ାଇ ବ୍ରିଟିଶ୍ ସାମ୍ରାଜ୍ୟକୁ ଖୋଲା ଚ୍ୟାଲେଞ୍ଜ କରିଥିଲେ ।

### ରଜା ବଖରୀ ବହୁ ଇତିହାସର ମୂକସାକ୍ଷୀ

ଗବେଷକ ଦୀପକ କୁମାର ପଣ୍ଡା କହିଛନ୍ତି ଯେ, ରଜା ବଖରୀ ବହୁ ଇତିହାସର ମୂକସାକ୍ଷୀ । ସମ୍ବଲପୁରବାସୀଙ୍କ ଦାବି ପରେ ରାଜ୍ୟ ଶିକ୍ଷା ବିଭାଗ ରଜା ବଖରୀ ଅଧିଗ୍ରହଣ କରିଥିଲା । ଏହାପରେ ସେଠାରେ କୌଣସି କାମ ହେଲା ନାହିଁ । ଫଳରେ ଏହି ମହଲ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲା । ଏହାର ପୁନରୁଦ୍ଧାର କରିବା ନିହାତି ଜରୁରୀ । ଏଥିପାଇଁ ସମ୍ବଲପୁର ଜନସାଧାରଣ, ଜନପ୍ରତିନିଧି, ସଂସ୍କୃତି ଓ ଐତିହ୍ୟ ଗବେଷକମାନଙ୍କ ଉଦ୍ୟମ ଲୋଡା ବୋଲି ସେ କହିଛନ୍ତି । ଇନ୍‌ଟାକ ସମ୍ବଲପୁର ଚାପ୍ଟର ଆବାହକ ଡ. ତାରିଣୀପ୍ରସାଦ ପଣ୍ଡା କହିଛନ୍ତି , ନିଜସ୍ୱ ପାଣ୍ଠିରୁ ଇନ୍‌ଟାକ୍ ୭ ଲକ୍ଷ ଟଙ୍କା ବ୍ୟୟରେ ରଜା ବଖରୀର ଗୋଟିଏ ଛାତ ମରାମତି କାର୍ଯ୍ୟ କରିଛି । ଐତିହ୍ୟ କୀର୍ତ୍ତିରାଜ ସୁରକ୍ଷା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଗୁରୁତ୍ୱାରୋପ କରିବା ଜରୁରୀ । ନଚେତ ଜରାଜୀର୍ଣ୍ଣ ହୋଇପଡିଥିବା କୀର୍ତ୍ତିରାଜି କିଛି ବର୍ଷରେ ମାଟିରେ ମିଶିବ । ଅନ୍ୟପକ୍ଷେ ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନ କହିଛନ୍ତି, ସଂପ୍ରତି ରଜା ବଖରୀ ପୁନରୁଦ୍ଧାର ସକାଶେ ଅର୍ଥ ମଞ୍ଜୁର ହୋଇନାହିଁ । ରାଜ୍ୟ ସରକାର ଅର୍ଥ ମଞ୍ଜୁର କଲେ କାମ ଆରମ୍ଭ ହେବ ।



ପରିତ୍ୟକ୍ତ ହୋଇପଡିଥିବା ସମ୍ବଲପୁର ସ୍ଥିତ ଦଶ ମହାବିଦ୍ୟା ମହଲ ଉପର ଦୃଶ୍ୟ ।

ପ୍ରସ୍ତୁତି: ବି.ଶଙ୍କର

## ସଂକ୍ଷେପରେ

### ୧୪ ନୂଆ କରୋନା ପଜିଟିଭ

ବରଗଡ଼ ଅଫିସ୍,୫।୮: ବରଗଡ଼ ଜିଲାରେ ବୁଧବାର ୧୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ.-୧ ନିଲିବନ୍ଧ ପଡ଼ାର ୩, ୱାର୍ଡ ନଂ-୨ କୁମ୍ଭାରପଡ଼ାର ଜଣେ, ପିଏଚଡ଼ି ପଡ଼ାର ୨, ୱାର୍ଡ ନଂ-୯ ବାନ୍ଧୁଟିକ୍ରାର ଜଣେ, ଭଟଲି ଛକ ଶୈଳବାଳା ଗେଷ୍ଟ ହାଉସର ଜଣେ, ଅତାବିରା ବ୍ଲକ ଖଇରପାଲିର ଜଣେ, ବରପାଲି ଏନଏସି ଅଧନ ୱାର୍ଡ ନଂ-୫ର ୩, ଭେଡ଼େନ ବ୍ଲକ ମହୁଲେ ପଞ୍ଚାୟତ ଅନ୍ତର୍ଗତ ୱାର୍ଡ଼ ନଂ-୭ର ଜଣେ ଏବଂ ଭଟଲି ବ୍ଲକ ଖଲିଆପାଲି ଗ୍ରାମର ଜଣେ କ୍ୟାନସର ପୀଡ଼ିତା ରହିଛନ୍ତି । ଆକ୍ରାନ୍ତ କ୍ୟାନସର ପୀଡ଼ିତା ଜଣକ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅଛନ୍ତି । ସେହିପରି ଅନ୍ୟ ଆକ୍ରାନ୍ତମାନଙ୍କୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ବଜାୟ୍ ରହୁନି ସାମାଜିକ ଦୂରତ୍ୱ

ଲାଠୋର, ୫।୮ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ୧୨ୱାର୍ଡବିଶିଷ୍ଟ ଲାଠୋର ଗ୍ରାମର ଜନସଂଖ୍ୟା ପ୍ରାୟ ୧୦ ହଜାର । ଜିଲାର ଏହା ଅନ୍ୟ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର । ସାପ୍ତାହିକ ବଜାର, ବିଭିନ୍ନ ବ୍ୟାଙ୍କ ଏଠାରେ ରହିଥିବାରୁ ପ୍ରତ୍ୟହ ଲୋକଙ୍କ ସମାଗମ ଏଠାରେ ହୋଇଥାଏ । ହେଲେ ମହାମାରୀ କରୋନା ସମୟରେ କେତେକ ଲୋକ କୋଭିଡ୍ ନିୟମର ଉଲ୍ଲଂଘନ କରୁଛନ୍ତି, ସାମାଜିକ ଦୂରତ୍ୱ ରକ୍ଷା କରୁନାହାନ୍ତି । ମାସ୍କ ନ ପିନ୍ଧି ବାହାରକୁ ବାହାରୁଛନ୍ତି । ଏଠାକାର ଦୋକାନ, ବଜାର, ବ୍ୟାଙ୍କ, ରେଳ ଫାଟକରେ ନାହିଁ ନ ଥିବା ଭିଡ଼ ଲାଗିରହିଛି । ଲାଠୋର ନିକଟ କଣ୍ଟାବାଞ୍ଜିରେ ଏକାଧିକ କରୋନା ରୋଗୀ ଚିହ୍ନଟ ହୋଇ ସାରିଲେଣି । ଏହି ପରିସ୍ଥିତିରେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ କଟକଣା କଡ଼ାକଡି କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

### କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ

ଲୋଇସିଂହା,୫।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ନାନା ଅବ୍ୟବସ୍ଥା ଲାଗିରହିଛି । ତାଲିକା ଅନୁଯାୟୀ ଓ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଦିଆଯାଉ ନାହିଁ । ନିୟମିତ ସଫାସୁତୁରା କରାଯାଉ ନ ଥିବାରୁ ସେଣ୍ଟର ପରିବେଶ ଅନୁକୂଳ ହେଉ ନ ଥିବା ପ୍ରବାସୀମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କଲେ ଧମକଚମକ ଦିଆଯାଉଛି । ଏ ସମ୍ପର୍କରେ ସରପଞ୍ଚ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ, ଗାଇଡଲାଇନ ଅନୁଯାୟୀ ସବୁ କାମ ଚାଲିଛି, କାହାକୁ ଧମକଚକମ ଦିଆଯାଉନାହିଁ ବୋଲି କହିଛନ୍ତି ।

### ଘୁଙ୍ଗିନାଳ ପୋଲ ଉପରେ ୪ଫୁଟ୍‌ର ପାଣି

ଅମରପାଲି, ୫।୮ (ଡି.ଏନ.ଏ.): ଜୁଲାଇରେ ବର୍ଷାଭାବ ଯୋଗୁଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଚାଷୀ ହତାଶ ହୋଇପଡିଥିଲେ । ମାତ୍ର ଗତ ରାତିରୁ ଲଘୁଚାପ ବର୍ଷା ଯୋଗୁଁ ଚାଷୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ପୁଣି ଥରେ ଚାଷୀମାନେ ରୁଆ ବିହୁଡା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଗତ ରାତ୍ରିରେ ବୀରମହାରାଜପୁର ବ୍ଲକରେ ୬୩.୨ ମିମି ଓ ଉଲୁଣ୍ଡା ବ୍ଲକରେ ୯୫.୬ ମିମି ବର୍ଷା ରେକର୍ଡ କରାଯାଇଛି । ଗତ ରାତିରୁ ବର୍ଷା ଯେଗୁଁ ବୁଧବାର ଦିନ ସାରା ବର୍ଷା ଲାଗି ରହିଥିଲା । ଏଥିଯୋଗୁ ଅଞ୍ଚଳର ନାଳ, ଯୋର ଦେଇ ବନ୍ୟାଜଳ ପ୍ରବାହିତ ହେଉଛି । ବୀରମହାରାଜପୁର-ଅମରପାଲି ରାସ୍ତାର ଭୁଡିଆପାଲି ନିକଟ ଘୁଙ୍ଗିନାଳ ପୋଲ ଉପରେ ୪ଫୁଟର ପାଣି ପ୍ରବାହିତ ହେଉଥିଲା । ଫଳରେ ମଧାହ୍ନ ୧୨ଟା ଯାଏ ଯାତାୟାତ ବ୍ୟାହତ ହୋଇପଡିଥିଲା । ସେହିପରି ଦୁର୍ଜନଟେଲା ପଞ୍ଚାୟତର ଠେଙ୍ଗୋ ଡ୍ୟାମଗେଟ ଖୋଲିବା ଯୋଗୁଁ ସାଗନାଳି ପୋଲ ଉପରେ ମଧ ପାଣି ଯାଉଛି । ଫଳରେ ମସିଣାପାଲି, ବ୍ରାହ୍ମଣୀପାଲି, ବରଘାଟଦାଦର ଆଦି ଗ୍ରାମକୁ ଯାତାୟାତ ବନ୍ଦ ରହିଛି ।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ



ଅତିଥିମାନେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

ବରଗଡ଼ ଅଫିସ୍,୫।୮

ବରଗଡ଼ ପୌରାଞ୍ଚଳର ହାଟପଦାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର)ର ନୂତନ କୋଠାଘର ବୁଧବାର ଉଦ୍‌ଘାଟିତ ହୋଇଛି । ରାଜ୍ୟ ସଭା ସଦସ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରାଥମିକ ସ୍ୱାସ୍ଥ୍ୟସେବା ସହିତ ଯୋଗ, ଫିଜିଓଥେରାପି ଚିକିତ୍ସା ମଧ୍ୟ ଏଠାରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଥିଲା । ୭୭ଲକ୍ଷ ୧୭ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବରଗଡ଼ ପୌରାଞ୍ଚଳ ଅଧୀନ ୧୧ଟି ୱାର୍ଡ଼ର ୪୧ହଜାର ୩୪୩ ଲୋକ ଉପକୃତ ହୋଇ ପାରିବେ ବୋଲି ସୂଚନା ଦିଆଯାଇଛି । ଉକ୍ତ ଡାକ୍ତରଖାନାରେ ଜଣେ ମେଡ଼ିକାଲ ଅଫିସର, ଜଣେ ବିଶେଷଜ୍ଞ ଡାକ୍ତର(ପାର୍ଟ ଟାଇମ୍), ଜଣେ ଫାର୍ମାସିଷ୍ଟ, ଜଣେ ଲାବରେଟୋରି ଟେକ୍ନିସିଆନ, ଜଣେ ଷ୍ଟାଫ ନର୍ସ, ୨ଜଣ ସପୋର୍ଟ ଷ୍ଟାଫ ଅବସ୍ଥାପିତ ଥିବାବେଳେ ୪ଜଣ ଏଏନଏମ, ୪୧ଜଣ ଆଶା ଏବଂ ୪୪ ମହିଳା ଆରୋଗ୍ୟ ସମିତି ରହିଥିବା ସୂଚନା ଦିଆଯାଇଛି ।

# କୋଭିଡ୍ ଯୋଦ୍ଧାଙ୍କ ସମ୍ମାନରେ ନୀରବ ପ୍ରାର୍ଥନା, ଶପଥ ପାଠ




ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର ଓ ଜିଲାପାଳ ଅରିନ୍ଦମ ଡାକୁଆ କୋଭିଡ୍ ଯୋଦ୍ଧାଙ୍କ ପାଇଁ ଶପଥ ପାଠ କରୁଛନ୍ତି ।

ବଲାଙ୍ଗୀର ଅଫିସ/ ବରଗଡ଼ ଅଫିସ୍, ୫।୮

ବଲାଙ୍ଗୀର ଓସ୍ୱାନ ହଲ, ଜିଲାପାଳ କାର୍ଯ୍ୟାଳୟ ସମେତ ବିଭିନ୍ନ ଅଫିସରେ ବୁଧବାର ସନ୍ଧ୍ୟା ୬ଟାରେ କୋଭିଡ ଯୋଦ୍ଧାଙ୍କ ସମ୍ମାନାର୍ଥେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏଥି ସହ କରୋନା ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶପଥ ପାଠ କରାଯାଇଛି । ଓସ୍ୱାନ୍ ହଲରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ବିଧାୟକ ସରୋଜ କୁମାର ମେହେର, ଜିଲାପାଳ ଅରିନ୍ଦମ ଡାକୁଆ ଉପସ୍ଥିତ ଥିଲେ । ଜିଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ଲାଗୁରୀ, ସହକାରୀ ଜିଲାପାଳ ତଥା ପ୍ରବେସନ୍‌ର ମନୋଜ ମହାଜନ, ଜିଲା ସୂଚନା ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସହ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ବରଗଡ଼ ଜିଲାପାଳଙ୍କ ଅଫିସରେ କରୋନା ଯୋଦ୍ଧାଙ୍କ ପାଇଁ ୧ ମିନିଟ ନୀରବ ପ୍ରାର୍ଥନା ଏବଂ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାସ ଓ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ସାମିଲ ହୋଇ ଶପଥ ପାଠ ସାଙ୍ଗକୁ ନୀରବ ପ୍ରାର୍ଥନା କରିଥିଲେ ।

## ଠେଙ୍ଗୋ ଡ୍ୟାମ : ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ଅମରପାଲି, ୫।୮(ଡି.ଏନ.ଏ)

ମଙ୍ଗଳବାର ରାତିରୁ ଲଗାଣ ବର୍ଷା ଯୋଗୁଁ ହରିହରଯୋର ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ରେ ଜଳସ୍ତର ବଢ଼ିଛି । ଏଣୁ ବୁଧବାର ଡ୍ୟାମରୁ ୪ଟି ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା । ବିଭାଗୀୟ ଯନ୍ତ୍ରୀ ସମୀରକାନ୍ତ ସିଂଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ସକାଳ ୬ଟାରେ ଗେଟ୍ ଖୋଲା ଯାଇଥିଲା । ଉପରମୁଣ୍ଡରେ ବର୍ଷା ଯୋଗୁଁ ଡ୍ୟାମକୁ ପାଣି ପ୍ରବେଶ ଫଳରେ ୧୪୭.୧ ମିମି ଜଳ ହୋଇଥିଲା । ମଧ୍ୟାହ୍ନ ୧୨ଟା୫୦ରେ ପ୍ରଥମ ଗେଟ, ୨ଟା ୧୫ରେ ଦ୍ୱିତୀୟ ଓ ସାଢ଼େ ୪ଟାରେ ତୃତୀୟ ଗେଟ ବନ୍ଦ କରାଯାଇଛି ।

## ୪୩୦କୁ ବୃଦ୍ଧି ପାଇଲା କରୋନା ସଂକ୍ରମଣ

ବଲାଙ୍ଗୀର ଅଫିସ, ୫।୮

୧୧ ନୂଆ ସଂକ୍ରମିତ ଚିହ୍ନଟ ପରେ ବଲାଙ୍ଗୀର ଜିଲାର କରୋନା ସଂକ୍ରମଣ ସଂଖ୍ୟା ୪୩୦କୁ ବୃଦ୍ଧି ପାଇଛି । ସମସ୍ତ ୧୧ଟା ଯାକ ସଂକ୍ରମିତ କଣ୍ଟାବାଞ୍ଜି ଏନ୍‌ଏସି ଅଞ୍ଚଳର ବୋଲି ଚିହ୍ନଟ କରାଯାଇଛି । ଜିଲାରେ ଏବେ ୧୯୨ ସଂକ୍ରମିତ ସକ୍ରିୟ ରହିଥିବାବେଳେ ୩୩୮ଜଣ ସୁସ୍ଥ ହୋଇ ସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲା ପ୍ରଶାସନ ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୧ର ରାଧାରାଣୀପଡା, ପାଟଣାଗଡର ହୀରାସାଗର ଓ ଖପାଖୋଲ ବ୍ଲକ ଦେଦର୍ହଠାରେ କରାଯାଇଥିବା କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ବୁଧବାର ମଧ୍ୟରାତ୍ରରୁ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇଛି ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ବଡଗାଁ, ୫।୮ (ଡି.ଏନ.ଏ.)

**ହତ୍ୟା ପାଇଁ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ସୁପାରି ଦେବାକୁ କଥା ଛିଡ଼ିଥିଲା**

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ବରଗାଁକଛାର ପଞ୍ଚାୟତ କୁଲଗାଁ ମାଷ୍ଟରପଡାର ଜାକରିଆସ୍ ରେଙ୍ଗରା (୯୫)ଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଏହି ଦୁଃଖଦ ଘଟଣା ଘଟିଛି । ସେହି ଗ୍ରାମର ବିଜୟ ସୋରେଙ୍ଗ (୬୦) ତାଙ୍କୁ ହତ୍ୟା କରିଥିବା ପୋଲିସ କହିଛି । ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମିଳିଥିବା ସୂଚନାନୁଯାୟୀ, ଜାକରିଆସ୍ ଜଣେ ଗୁଣିଆ ଥିଲେ । ଏହାକୁ ନେଇ ସେହି ଗ୍ରାମର ପ୍ରଫୁଲ୍ଲ ରେଙ୍ଗରା ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିପାଇଁ ସେ ବିଜୟଙ୍କୁ ୧୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଯୋଜନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଜାକରିଆସ ପାଖ ଗାଁରୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ତାଙ୍କୁ ବିଜୟ ଏକ ଟାଙ୍ଗିଆରେ ଚୋଟ ପକାଇଥିଲେ । ଫଳରେ ଜାକରିଆସ୍ ତଳେ ପଡିଯାଇଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ସକାଳୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ଡିଏସ୍‌ପି ସତ୍ୟବ୍ରତ ଦାସ, ସବ୍‌ଇନ୍ସପେକ୍ଟର ରଞ୍ଜିତ ପ୍ରଧାନ ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୁକ୍ତଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚୁରା କରୁଛି । ଗୁଣିଗାରେଡି ପାଇଁ ଜାକରିଆସ୍‌ଙ୍କୁ ହତ୍ୟା କରିବାକୁ ପ୍ରଫୁଲ୍ଲ ତାଙ୍କୁ ୧୦ ହଜାର ଟଙ୍କା ଦେବାକୁ କହିଥିଲେ ବୋଲି ବିଜୟ ସ୍ୱୀକାର କରିଛନ୍ତି ।

# ଦୁର୍ଗାପୂଜା ମଣ୍ଡପ ପାଇଁ ଭୂମି ପୂଜା



ତୁଲସୀନଗର ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ପାଇଁ ଅନୁଷ୍ଠିତ ଭୂମି ପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ ।

ବଲାଙ୍ଗୀର ଅଫିସ, ୫।୮

ବଲାଙ୍ଗୀର ତୁଲସୀନଗର ଦୁର୍ଗାପୂଜା କମିଟି ତରଫରୁ ତୁଲସୀନଗର ଛକଠାରେ ନୂଆ ପୂଜା ମଣ୍ଡପ ନିର୍ମାଣ ପାଇଁ ବୁଧବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କମିଟି ସଭାପତି ବାଞ୍ଛାନିଧି ମିଶ୍ର କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ପୁରୋହିତ ରାଜୀବ ଲୋଚନ ପଣ୍ଡା ଓ ସହଯୋଗୀ ଚୈତନ୍ୟ ମିଶ୍ର ପୂଜା ପରିଚାଳନା କରିଥିଲେ । ଦ୍ୱାଦଶ ପର୍ବରେ ପଦାର୍ପଣ କରିଥିଲେ ମଧ ଏହି ପୂଜା କମିଟିର ନିଜସ୍ୱ ପୂଜା ମଣ୍ଡପ ନ ଥିଲା । ସ୍ଥାନୀୟ ରାଜେନ୍ଦ୍ର କ୍ଲବ୍‌ରେ ଦୁର୍ଗା ପୂଜା ହୋଇଆସୁଥିଲା । ସର୍କିଟ ହାଉସ ରାସ୍ତା ପ୍ରଶସ୍ତିକରଣ ସମୟରେ ଏହି କ୍ଲବର କିଛି ଅଂଶକୁ ଭାଙ୍ଗି ଦିଆଯିବା ପରେ ଆଗାମୀ ବର୍ଷମାନଙ୍କରେ ଦୁର୍ଗାପୂଜା କିପରି ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲେ । କିନ୍ତୁ ଜିଲା ପ୍ରଶାସନ ଉଦ୍ୟମ କ୍ରମେ ପୂଜା କମିଟି ସହଯୋଗରେ ତୁଲସୀନଗର ଛକରେ ଏକ ଜମି ଚିହ୍ନଟ କରାଯାଇଥିଲା । ଏହି ଚିହ୍ନଟ ଭୂମି ପୂଜନ ସରିଥିବାରୁ ଆଗକୁ ସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ କରାଯାଇପାରିବ । ଏହି ପୂଜା ମଣ୍ଡପ ସକାଶେ ୩୦ ଲକ୍ଷ ଟଙ୍କାର ବଜେଟ କରାଯାଇଥିବା କମିଟି ସମ୍ପାଦକ ସୁନୀଲ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

# ୟୁରିଆ ସାରର କୃତ୍ରିମ ଅଭାବ

ଭବାନୀପାଟଣା,୫।୮ (ଡି.ଏନ୍.ଏ.)

- କଳାବଜାରର ଶିକାର ହେଉଛନ୍ତି ଚାଷୀ
- ଆବଶ୍ୟକ ୨୭ ହଜାର ମେଟ୍ରିକ୍ ଟନ୍
- ମିଳିଛି ୧୬ହଜାର ମେଟ୍ରିକ୍ ଟନ୍

ଖରିଫ ଋତୁରେ କଳାହାଣ୍ଡି ଜିଲାରେ ରାସାୟନିକ ସାରର କୃତ୍ରିମ ଅଭାବ ଓ ଦରବୃଦ୍ଧି ଚାଷୀଙ୍କୁ ଅସୁବିଧାରେ ପକାଇଛି । ଗତ ୨ ବର୍ଷ ହେବ ଏହି ସମସ୍ୟା ଲାଗିରହିଛି । ଏଥିପାଇଁ କୃଷି ବିଭାଗର ଅବହେଳାକୁ ଦାୟୀ କରାଯାଇଛି । ଚଳିତ ବର୍ଷ ମଧ୍ୟ ଏଭଳି ସମସ୍ୟାକୁ ଆଖିଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ସେଥିପାଇଁ ଜିଲାରେ ୟୁରିଆ ସାରର କୃତ୍ରିମ ଅଭାବ ଗୁରୁତର ରୂପ ନେଇଛି ।

ସରକାର ସାରା କଳାବଜାରକୁ ରୋକିବା ପାଇଁ ମୋବାଇଲ ସାର ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ଫଳରେ ଜିଲାରେ ସାରର ସ୍ଥିତି କ'ଣ ସହଜରେ ଜାଣିହେବ । ଚାଷୀ କଳାବଜାରର ଶିକାର ନ ହେବା ପାଇଁ ବ୍ୟବସାୟୀମାନେ ପିଓସି ମେଶିନ ବ୍ୟବହାର କରିବାକୁ କୁହାଯାଇଛି । ଯେଉଁଥିରେ ଜଣେ ଚାଷୀ ନିଜର ଆଧାର କାର୍ଡ ପଞ୍ଜୀକରଣ ପରେ ତାଙ୍କୁ ସାର ମିଳିବ । ଏହି ବ୍ୟବସ୍ଥାରେ ଜିଲାରେ ୟୁରିଆ ସାର ଷ୍ଟକ୍ ଥିବା ଜଣାପଡିଛି । ଏଣୁ କୃଷି ନିର୍ଦ୍ଦେଶକ କଳାହାଣ୍ଡି ଜିଲାକୁ ଏବେ ସାର ନ ଦେବାକୁ ନିର୍ଦ୍ଦେଶ ଦେଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ହେଲେ ଜିଲାର ଗୋଲାମୁଣ୍ଡା ସହ ଅନ୍ୟାନ୍ୟ ଅଞ୍ଚଳରେ ୟୁରିଆ ସାର ନାହିଁ ବୋଲି ବ୍ୟବସାୟୀମାନେ କହୁଛନ୍ତି । ଅଧିକ ମୂଲ୍ୟ ଦେଲେ ଏହି ସାର ଆଣିଦେବେ ବୋଲି କହି ଚାଷୀମାନଙ୍କୁ ଏକପ୍ରକାର ଶୋଷଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି ।

ଅନ୍ୟପକ୍ଷେ ଚଳିତ ବର୍ଷ ବର୍ଷାର ପରିମାଣ କମିଥିବାରୁ ରୁଆ ବିହୁଡା କାମ ବିଳମ୍ବ ହୋଇଛି । ସେଥିପାଇଁ ୟୁରିଆ ସାରର ଅଧିକ ଆବଶ୍ୟକତା ରହିଛି । ଅଗଷ୍ଟ ମାସରେ ଏହି ସାର ପର୍ଯ୍ୟାପ୍ତ ପରିମାଣର ଦରକାର ବୋଲି ଜଣେ ଚାଷୀ କହିଛନ୍ତି । ଚଳିତ ବର୍ଷ କଳାହାଣ୍ଡି ଜିଲା ପାଇଁ ୨୭ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି । ମାତ୍ର ଆସିଛି ୧୬ ହଜାର ମେଟ୍ରିକ୍ ଟନ୍ । ରିଟେଲ ପଏଣ୍ଟରେ ୬୦୪୦ ମେଟ୍ରିକ୍ ଟନ୍ ଏବଂ ଡିଲର ପଏଣ୍ଟରେ ୨୫୫୭ ମେଟ୍ରିକ୍ ଟନ୍ ୟୁରିଆ ଥିବା ବିଭାଗ କହିଛି । ସାର ଅଭାବ ନ ହେବା ପାଇଁ କୃଷି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିବା ଜିଲା କୃଷି ଉପ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ବେହେରା ପ୍ରକାଶ କରିଛନ୍ତି । ସେହିଭଳି ବିନା ଆଧାର କାର୍ଡରେ ସାର ଦେବାରୁ ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ ସ୍ୱୀକାର କରିଛନ୍ତି । ତେବେ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ନଜର ରଖିଥିବା ସେ କହିଛନ୍ତି ।

